

ସାଇକୃପା ମଲ୍ଟି ସ୍ପେସାଲିଟି ହସ୍ପିଟାଲ୍ ପକ୍ଷରୁ ବିଶିଷ୍ଟ ସମାଜସେବୀ ଡ.ସସ୍ମିତା ଦାଶ ଓ ଡ.ରାଜେଶ ତ୍ରିପାଠୀ ଷ୍ଟାଫଙ୍କ ସହ ହୋଲି ଖେଳିଲେ

# ମରଣାନ୍ତକ ଆକ୍ରମଣ, ୪ ଗିରଫ

**ସମ୍ବଲପୁର, ୫।୩ (ସମିସ)**

ବୁର୍ଲା ଥାନା ଅନ୍ତର୍ଗତ ଗୋଶାଳା ବିସ୍କୁଟ୍ ଫେକ୍ଟ୍ରି ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୁର୍ଲା ଥାନା ମୁଣ୍ଡୋଘାଟ୍‌ର ଶାନ୍ତନୁ ଭୁଏ (୩୧), ମୁଣ୍ଡୋଘାଟ ଥାନାପଡ଼ାର ଆକାଶ ବେହେରା (୨୧) ଓ ଗୋଶାଳା ସାନଟିକ୍ରାର ରାହୁଲ ନାଏକ (୨୪) ଏବଂ କୁଚିଣ୍ଡା ଥାନା କତରକେଲାର ଦେବାଶିଷ ଭଞ୍ଜା (୨୫) ବୋଲି ପୁଲିସ କହିଛି। ସେମାନଙ୍କଠାରୁ ୧୭ ସେଣ୍ଟିମିଟର ଲମ୍ବର ଛୁରି ଜବତ କରାଯାଇଛି।

ପୁଲିସର ସୂଚନା ଅନୁଯାୟୀ, ୩ ତାରିଖ ରାତି ପ୍ରାୟ ୯ଟା ସମୟରେ ନବୀନ ହେର୍ଣ୍ଣା ତାଙ୍କ ବନ୍ଧୁ ରୋହନ ନାଗଙ୍କ ସହ ଗୋଶାଳା ଛକରେ ବୁଲୁଥିବାବେଳେ, ସେମାନେ ମୁଣ୍ଡୋଘାଟର ରାହୁଲ ନାଏକ, ଆକାଶ ବେହେରା, ଆକାଶ ବାଦି, ଶାନ୍ତନୁ ଭୁଏ, ଦେବାଶିଷ ଭଞ୍ଜାଙ୍କ ସହିତ ଭେଟ ହୋଇଥିଲେ। ପରସ୍ପରକୁ ଦେଖି ନବୀନ ହେର୍ଣ୍ଣା ଏବଂ ରାହୁଲ ନାଏକ ପରସ୍ପର ସହିତ ଝଗଡ଼ା କରିଥିଲେ। ସେହି ସମୟରେ ରାହୁଲ ନାଏକଙ୍କ ସମସ୍ତ ସହଯୋଗୀ ନବୀନ ହେର୍ଣ୍ଣାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ ଏବଂ ତାଙ୍କୁ ଚାପୁଡ଼ା ମାରିଥିଲେ। ତା'ପରେ ନବୀନ ହେର୍ଣ୍ଣା ମାମଲାର ସମାଧାନ କରିଥିଲେ। ତା'ପରେ ସେ ତାଙ୍କ ବନ୍ଧୁ ରୋହନ ନାଗଙ୍କ ସହିତ ଆଇଆଇଏମ୍ ରାସ୍ତା ଆଡକୁ ଯାଉଥିବା ସମୟରେ, ଗୋଶାଳାର ସମଲେଶ୍ୱରୀ ବିସ୍କୁଟ୍ ଗୋଡାଉନ୍ ନିକଟ ରାସ୍ତାରେ, ଉପରୋକ୍ତ ସମସ୍ତ ଅଭିଯୁକ୍ତ ସେଠାରେ ପହଞ୍ଚି ଶାନ୍ତନୁ ଭୁଏ ଅଣ୍ଟାପାଖରୁ ଏକ ଛୁରୀ ବାହାର କରି ନବୀନ ହେର୍ଣ୍ଣାକୁ ଛୁରି ମାରି ଦେଇଥିଲେ ଯାହା ଫଳରେ ତାଙ୍କ ବାମ ପାର୍ଶ୍ୱ ପେଟ ଏବଂ ଶରୀରର ଅନ୍ୟାନ୍ୟ ସ୍ଥାନରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେ ଭିମସାରରେ ଚିକିତ୍ସାଧୀନ ଅଛନ୍ତି। ବୁର୍ଲା ଥାନା କେସ ନଂ. ୧୧୧ / ୪.୩.୨୦୨୬ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି।



## ଭିସୁଟ୍‌ରେ ଜାତୀୟ ସୁରକ୍ଷା ସପ୍ତାହ ଉପଲକ୍ଷେ କର୍ମଶାଳା

**ସମ୍ବଲପୁର, ୫।୩ (ସମିସ) :** ୫୫ତମ ଜାତୀୟ ସୁରକ୍ଷା ସପ୍ତାହର ପୂର୍ବ ସନ୍ଧ୍ୟାରେ 'ସୁରକ୍ଷା ଏବଂ କଲ୍ୟାଣ: ବିକାଶ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ' ଶୀର୍ଷକ ଏକ ୫ ଦିନିଆ କର୍ମଶାଳା ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଉଦ୍‌ଘାଟନୀ ଉତ୍ସବ ଆଜି ଅପରାହ୍ଣରେ ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ, ବୁର୍ଲାର ଇ-ଲର୍ଣ୍ଣିଂ କେନ୍ଦ୍ରରେ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବର ବିଷୟବସ୍ତୁ ଥିଲା 'ସୁରକ୍ଷା ବୃଦ୍ଧି ପାଇଁ ଲୋକଙ୍କୁ ଶିକ୍ଷିତ କରନ୍ତୁ, ନିୟୋଜିତ କରନ୍ତୁ ଏବଂ ସଶକ୍ତ କରନ୍ତୁ।' ଉଦଘାଟନୀ ଉତ୍ସବରେ, କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଗଣେଶ୍ୱର ନାଥ (ଡିନ୍ ସିଡିସିଇ) ମୁଖ୍ୟ ଅତିଥି ବିଶ୍ୱାସ ସିନ୍ଦେ, ମାନବ ସମ୍ବଳ, ହିଣ୍ଡାଲକୋ, ହୀରାକୁଦ କମ୍ପ୍ଲେକ୍ସ ଏବଂ କାର୍ଯ୍ୟକ୍ରମର ସମ୍ମାନିତ ଅତିଥି ସଞ୍ଜୟ କୁମାର ଝା, ବୈଷୟିକ ନିର୍ଦ୍ଦେଶକ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ଙ୍କୁ ସମ୍ମାନିତ କରି ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ସୁରକ୍ଷା ଏବଂ ଅଗ୍ନି ନିର୍ବାପନ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଏବଂ କାର୍ଯ୍ୟକ୍ରମର ଆୟୋଜନ ସଚିବ ପ୍ରଫେସର ସିଦ୍ଧାର୍ଥ ପଣ୍ଡା, ସୁରକ୍ଷା ଶିକ୍ଷାର ମୂଲ୍ୟ ଏବଂ ଓଡ଼ିଶାରେ ସୁରକ୍ଷାର ଏକ ଶାଖା ଖୋଲିବାରେ ଭିସୁଟ୍ ପ୍ରଥମ ହେବା ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ବିପଦ ଏବଂ ଦୁର୍ଘଟଣାଜନିତ ମୃତ୍ୟୁକୁ ରୋକିବା ପାଇଁ ସୁରକ୍ଷା କେବଳ ତାଲିମ ସମୟରେ ନୁହେଁ ବରଂ ବିଶ୍ୱବିଦ୍ୟାଳୟଗୁଡ଼ିକେର ବହୁତ ପୂର୍ବରୁ ଶିକ୍ଷା ଦିଆଯିବା ଉଚିତ। ଏହାପରେ କାର୍ଯ୍ୟକ୍ରମର ପୃଷ୍ଠପୋଷକ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଦୀପ କୁମାର ଡାଙ୍ଗ ସୁରକ୍ଷାର ଅଭାବର ପ୍ରଭାବ ଏବଂ ଏହାର ଆବଶ୍ୟକତା କେବଳ ଶିଳ୍ପରେ ନୁହେଁ ବରଂ ସବୁଠି, ତାହା ରାସ୍ତାରେ ହେଲମେଟ୍ ପିନ୍ଧିବା କିମ୍ବା ଦୁଃସାହସିକ କାର୍ଯ୍ୟ ସମୟରେ ସୁରକ୍ଷା ଜ୍ୟାକେଟ୍ ପିନ୍ଧିବା, ଘରେ ଏବଂ ଶିକ୍ଷାନୁଷ୍ଠାନରେ ସରଳ ଯନ୍ତ୍ରପାତି ପରିଚାଳନା କରିବା ସମୟରେ ସୁରକ୍ଷାର ଯତ୍ନ ନେବା ବିଷୟରେ ଆଲୋକପାତ କରିଥିଲେ। ଭିସୁଟ୍ କୁଳପତି ପ୍ରଫେସର ଦିପକ କୁମାର ସାହୁ ସୁରକ୍ଷା ବିଷୟରେ ଶିକ୍ଷାର ଗୁରୁତ୍ୱ ଏବଂ ଏହା ଆମ ଦୈନନ୍ଦିନ ଜୀବନରେ କିପରି ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ କହିଥିଲେ। କର୍ମଶାଳାର ସହ-ସଂଯୋଜକ ଅମିତ ଚାଟାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

## ମହିଳା ଦିବସ ଅବସରରେ ରେଳମଣ୍ଡଳର ସପ୍ତାହବ୍ୟାପୀ ଅଭିଯାନ

**ସମ୍ବଲପୁର, ୫।୩ (ସମିସ) :** ପୂର୍ବତଟ ରେଳପଥ, ସମ୍ବଲପୁର ମଣ୍ଡଳ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳା କର୍ମଚାରୀଙ୍କ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସପ୍ତାହବ୍ୟାପୀ ଅଭିଯାନ ଆୟୋଜନ କରିଛି। ଏହି ଅଭିଯାନର ଅଂଶ ସ୍ୱରୂପ, ମହିଳା ରେଳ କର୍ମଚାରୀଙ୍କ ମଧ୍ୟରେ ମଜାଦାର କାର୍ଯ୍ୟକଳାପ, ପ୍ରବନ୍ଧ ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ ପାରସ୍ପରିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସଚେତନତା ସୃଷ୍ଟି କରିବା, ମହିଳା କର୍ମଚାରୀମାନଙ୍କୁ ପ୍ରେରଣା ଦେବା ଏବଂ ସେମାନଙ୍କର ସାମଗ୍ରିକ ସଶକ୍ତିକରଣକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆୟୋଜନ କରାଯାଉଛି। ଏହି ଉପଲକ୍ଷେ ଆଜି ସମ୍ବଲପୁରର ଡିଆରଏମ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହିଳା ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ଏକ ସେମିନାର ଆୟୋଜନ କରାଯାଇଥିଲା। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ମୁଖ୍ୟ ଅତିଥି ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂ ସାନସନୱାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଚୌଧରୀ ସଂଗଠନ ଏବଂ ସମାଜରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଏକ ସହାୟକ ଏବଂ ଅନ୍ତର୍ଭୁକ୍ତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଠାରେ ମହିଳା କର୍ମଚାରୀମାନେ ପ୍ରଭାବଶାଳୀ ଭାବରେ ଯୋଗଦାନ ଦେଇପାରିବେ। ସେ ମହିଳା କର୍ମଚାରୀମାନଙ୍କୁ ସେମାନଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ବଜାୟରଖି ସେମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରାଥମିକତା ଦେବାକୁ ମଧ୍ୟ ଉତ୍ସାହିତ କରିଥିଲେ। ଏହି ଅବସରରେ, ସମ୍ବଲପୁରର ଡିଭିଜନାଲ ରେଳ ହସ୍ପିଟାଲର ସହକାରୀ ମଣ୍ଡଳ ଚିକିତ୍ସା ଅଧିକାରୀ ଡାକ୍ତର କୃତି ଏମ୍. ପରମାର ଋତୁସ୍ରାବ ସ୍ୱାସ୍ଥ୍ୟ, ଗର୍ଭାଶୟ କର୍କଟ ଏବଂ ସ୍ତନ କର୍କଟ ସଚେତନତା ଉପରେ ଆଲୋକପାତ କରିଥିଲେ। ସେ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଗୁରୁତର ରୋଗର ପ୍ରତିରୋଧ ସୁନିଶ୍ଚିତ କରିବା ପାଇଁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ପ୍ରାରମ୍ଭିକ ଚିହ୍ନଟ ଏବଂ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ପୋନ୍ନା ଭେଙ୍କଟେଶ ସଂଯୋଜନା କରିଥିଲେ।

## ଲୋକ ଅଧିକାର ଯାତ୍ରାକୁ ପଦ୍ମପୁରରେ ସ୍ୱାଗତ

**ପଦ୍ମପୁର, ୫।୩(ସମିସ):** ପରିବେଶ ପ୍ରତି ସଚେତନ ନହେଲେ ଆମର ଭବିଷ୍ୟତ ବଂଶଧର ଆମକୁ କେବେ କ୍ଷମା କରିବେ ନାହିଁ। ଖଣିଜ ସମ୍ପଦର ଅପରିଣାମଦର୍ଶୀ ଉତ୍ତୋଳନ ଓ ଦ୍ରୁତ ଶିଳ୍ପାୟନ ହେଲେ ଅଳ୍ପ କିଛି ଦଶନ୍ଧିରେ ଆମ ମାଁ ମାଟି ମରୁଭୂମିରେ ପରିଣତ ହେବ। ତେଣୁ ଏହି ଅନ୍ଧ ଶିଳ୍ପାୟନକୁ ଏବେ ଠାରୁ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି ଲୋକ ଅଧିକାର ଯାତ୍ରାରେ ବକ୍ତାମାନେ ମତ ଦେଇଛନ୍ତି। ଜନ ଆନ୍ଦୋଳନ ଓଡ଼ିଶା ଶାଖା ପକ୍ଷରୁ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରା ପଦ୍ମପୁରରେ ପହଞ୍ଚିବା ପରେ ପଦ୍ମପୁର ଭେଡ଼ଁରିଆ ଛକ ଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଗନ୍ଧମାର୍ଦ୍ଦନ ବିକାଶ ପରିଷଦର ଉପଦେଷ୍ଟା ସଞ୍ଜୟ ବହିଦାର ସଭାପତିତ୍ୱ କରିଥିଲେ। ଏଥିରେ ଲୋକ ଅଧିକାର ଯାତ୍ରାରେ ସାମିଲ ଥିବା ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଲୋକ ଅଧିକାର ଯାତ୍ରାର ସଂଯୋଜକ ଡ. ବିଶ୍ୱଜିତ, ପରିବେଶବିତ ଲିଙ୍ଗରାଜ, ବୋଡାସମ୍ବର କୃଷକ ସଙ୍ଗଠନର ଅଜିତ ଶତପଥୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ ସେଠଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପଦ୍ମପୁର ନାଗରିକ କମିଟି, ବଣିକ ସଂଘ ଓକିଲ ସଂଘ ରାଜବୋଡାସମ୍ବର କୃଷକ ସଙ୍ଗଠନ ସଦସ୍ୟ ସମେତ ପ୍ରତାପ ମିଶ୍ର, ସନ୍ତୋଷ ଶତପଥୀ, ନେହେରୁ ତ୍ରିପାଠୀ, ମୀନକେତନ ସାହୁ ଗୋବିନ୍ଦ ପାଣିଗ୍ରାହୀ, ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ମୋହନ ଜଗତ ସଂଗ୍ରାମୀ ଗୀତ ଗାଇଥିଲେ। ଗୋପବନ୍ଧୁ ଶିକା ଧନ୍ୟବାଦ ଅର୍ପଣ କରିଥିଲେ।

## ବୃନ୍ଦାବନ ମହାପାତ୍ରଙ୍କ ପରଲୋକ

**ଅତାବିରା, ୫।୩ (ସମିସ):** ଅତାବିରା ବ୍ଲକ କାଦୋବାହାଲ ପୌଡ଼ବାଡ଼ି ଗାଁର ଅବସରପ୍ରାପ୍ତ ପୁଲିସ ଏଏସ୍ଆଇ ବୃନ୍ଦାବନ ମହାପାତ୍ର(୬୯)ଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ସବୁଦିନ ପରି



ସବୁକିଛି ସ୍ୱାଭାବିକ ଥିଲା। ଏପରିକି ସେ ରାସନ ସାମଗ୍ରୀ ଆଣିଥିଲେ। ଦିନ ଦେଢ଼ଟାରେ ଝିଅକୁ ଖାଇବା ପାଇଁ ଡାକିଥିଲେ। ଏହାପରେ ମୋବାଇଲ ଦେଖୁଥିବା ସମୟରେ ହଠାତ୍ ଅଚେତ ହୋଇଯାଇ ଥିଲେ। ପରିବାର ଲୋକେ ତାଙ୍କୁ କାଦୋବାହାଲ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୧୯୮୦ରୁ ପୁଲିସ ବିଭାଗରେ ଯୋଗ ଦେଇ ୨୦୧୪ରେ ମେଲଛାମୁଣ୍ଡା ଥାନାରୁ ଅବସର ଗ୍ରହଣ କରିଥିଲେ। ସେ ଶ୍ରେଷ୍ଠ ରାଇଟର ଭାବେ ପୁରସ୍କାର ପାଇଥିଲେ। ନିକଟସ୍ଥ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଶିଶିର ମୁଖାଗ୍ନି ଦେଇଥିଲେ।

# ହୋଲି ମିଳନ ଉତ୍ସବ

### ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସହ ହୋଲି ଖେଳ

**ବରଗଡ଼, ୫।୩(ସମିସ):** ବରଗଡ଼ ସହରର ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ 'ଆମର ଟିଭି' ପକ୍ଷରୁ ଏକ ବିଶେଷ ହୋଲି ମିଳନ ଉତ୍ସବ ଆୟୋଜିତ କରାଯାଇଛି। ରଙ୍ଗର ପର୍ବ ହୋଲିରେ ସହରର ବିଭିନ୍ନ ବର୍ଗର ଲୋକମାନେ ଯୋଗ ଦେଇଥିଲେ। ସହରର ଜନସାଧାରଣ, ସମାଜସେବୀ, ରାଜନେତା ଓ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତେ ମିଶି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସହ ରଙ୍ଗ ଖେଳିଥିଲେ। ଉତ୍ସବରେ ଛାତ୍ରଛାତ୍ରୀ ମଧ୍ୟ ଅଂଶଗ୍ରହଣ କରି ନୃତ୍ୟ, ସଙ୍ଗୀତ ଓ ରଙ୍ଗ ଖେଳକୁ ଉପଭୋଗ କରିଥିଲେ। ଏହି ପ୍ରୟାସ ମାଧ୍ୟମରେ ସମାଜର ସମସ୍ତ ଶ୍ରେଣୀର ଲୋକଙ୍କୁ ଏକତ୍ର କରି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସହ ସମାନ ଭାବେ ଖୁସି ବାଣ୍ଟିବାର ବାର୍ତ୍ତା ଦିଆଯାଇଥିଲା। ଆମର ଟିଭି ଡାଇରେକ୍ଟର ଦୀପକ ଶର୍ମାଙ୍କ ସମେତ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଅତାବିରା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିକାଶ ସ୍କୁଲ ଚେୟାରମ୍ୟାନ ଡି ମୁରଲି କ୍ରିଷ୍ଣା, ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ବୟନିକା ଡାଇରେକ୍ଟର ସଞ୍ଜୟ ମେହେର, ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ସାମ୍ବାଦିକ ଶଙ୍କର ବଲ୍ଲଭ ମିଶ୍ର, ସତ୍ୟଜିତ୍ ମିଶ୍ର, ସମାଜସେବୀ ଚନ୍ଦ୍ର ଶେଖର ପ୍ରଧାନ, ଆଇନଜୀବୀ ଲିପ୍ସିତ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଡାଙ୍ଗ ମହିଳା ସଂଗଠନ ପକ୍ଷରୁ ହୋଲି ଉତ୍ସବ

**ବରଗଡ଼:** ବରଗଡ଼ ଉପକଣ୍ଠସ୍ଥ ଡାଙ୍ଗ ଗାଁରେ ସ୍ଥାନୀୟ ମହିଳା ସଂଗଠନ ଆନୁକୂଲ୍ୟରେ ହୋଲି ଉତ୍ସବ ପାଳିତ ହୋଇ ଯାଇଛି। ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ ଓ ଶିକ୍ଷକ ଗୋପବନ୍ଧୁ ପୁରୋହିତ ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ହୋଲି ପର୍ବ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସଦସ୍ୟା ବୃନ୍ଦ ସାମୂହିକ ଭୋଜନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବରିଷ୍ଠ ସଦସ୍ୟା ରୀନା ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଡାକ୍ତର ଦମ୍ପତି ପାଳିଲେ ଫୁଲର ହୋଲି

**ବରଗଡ଼:** ବରଗଡ଼ ସହର ଡାକ୍ତର ରାମକୃଷ୍ଣ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ମମତା ପୁରୋହିତ ଆଧୁନିକ ସହରୀ ସଭ୍ୟତା ମଧ୍ୟରେ ରଙ୍ଗର ପର୍ବ ହୋଲି ମହୋତ୍ସବରେ ପାରମ୍ପରିକ ପ୍ରଥାକୁ ଫେରାଇ ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି। ରାସାୟନିକ ରଙ୍ଗ ପିଚକାରୀ କିମ୍ବା ଅପ୍ରାକୃତିକ ଫଗୁ ଅବିର ବଦଳରେ ପ୍ରାକୃତିକ ରଙ୍ଗ ବେରଙ୍ଗ ଫୁଲରେ ହୋଲି ପାଳୁଛନ୍ତି। ଗତ ୬ ବର୍ଷ ଧରି ରାସାୟନିକ ଯୁକ୍ତ ରଙ୍ଗରୁ ଲୋକଙ୍କୁ ଦୂରେଇ ରଖିବା ସହ ନିଜର ସଂସ୍କୃତି ଓ ପ୍ରକୃତି ପରମ୍ପରା ଅନୁସାରେ ରଙ୍ଗର ପର୍ବ ହୋଲି ପାଳନ କରିବାକୁ ଲୋକଙ୍କୁ ସଚେତନ କରୁଛନ୍ତି। ହୋଲି ଅବସରରେ ଫୁଲର ହୋଲି ଖେଳିବା ସହିତ ପରିବେଶ ସୁରକ୍ଷା ପାଇଁ ପ୍ରତିଟି ବାଟୋଇ ଓ ଯାତ୍ରୀଙ୍କୁ ଗୋଟିଏ ଲେଖାଏଁ ଗଛ ପ୍ରଦାନ କରି ଏହି ଡାକ୍ତର ଦମ୍ପତି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି।




## ସଙ୍ଗୀତା ମିଶ୍ରଙ୍କୁ ଜାତୀୟ ଉତ୍କଳ କାବ୍ୟ ରୌପ୍ୟ ରତ୍ନ ସମ୍ମାନ

**ବରଗଡ଼, ୫।୩(ସମିସ):** ଭୁବନେଶ୍ୱର ସ୍ଥିତ ରାମମନ୍ଦିର ପାଖ ୟୁନିଟ ୯ ବୁଦ୍ଧମନ୍ଦିର ଅଡିଟରିୟମରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟିକ ଏକାଡେମୀ, ଓଡ଼ିଶାର ଦଶମରାଜ୍ୟ ସ୍ତରୀୟ ବାର୍ଷିକ ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବରଗଡ଼ ଜିଲ୍ଲା କଳାପାଣି ଗାଁର ହେମନ୍ତ ମହାପାତ୍ର ଓ ମଞ୍ଜୁଳା ମହାପାତ୍ରଙ୍କ ଏକମାତ୍ର କନ୍ୟା ସମାଜସେବୀ ତଥା ସାହିତ୍ୟିକା ସଙ୍ଗୀତା ମିଶ୍ର 'ଜାତୀୟ ଉତ୍କଳ କାବ୍ୟ ରୌପ୍ୟରତ୍ନ ସମ୍ମାନ-୨୦୨୬'ରେ ସମ୍ମାନିତ ହୋଇଛନ୍ତି। ସଙ୍ଗୀତା ନିଖିଳ ଓଡ଼ିଶା ସ୍ୱେଚ୍ଛାସେବୀ ମହାସଂଘ କୋରାପୁଟ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନର ସଭାନେତ୍ରୀ ଅଛନ୍ତି। ସେ ତାଙ୍କର ପ୍ରବନ୍ଧ ତଥା କବିତା ମାଧ୍ୟମରେ ସମାଜକୁ ସୁନ୍ଦର ସୁନ୍ଦର ବାର୍ତ୍ତା ଦେବା ସହିତ କଣ କଲେ ସମାଜରେ ବଞ୍ଚିଥିବା ଲୋକଙ୍କର ଚିନ୍ତାଧାରାରେ ପରିବର୍ତ୍ତନ ଆସିବ ସେଥିପାଇଁ ତାଙ୍କର ପ୍ରଥମ ପୁସ୍ତକ 'ସ୍ୱପ୍ନ-ଏକ ନୂଆ ସକାଳର'ରେ ଲିପିବଦ୍ଧ କରିଛନ୍ତି। ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗଭର ଥିବା ସଙ୍ଗୀତା 'ମାନବ ସେବା ହିଁ ମାଧବ ସେବା'କୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି।

## ୯ରୁ ସମ୍ବଲପୁରରେ ରାଜ୍ୟସ୍ତରୀୟ ନାଟ୍ୟ ଉତ୍ସବ 'ରଙ୍ଗ ସଙ୍ଗମ'



**ସମ୍ବଲପୁର, ୫।୩ (ସମିସ) :** ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ସମ୍ବଲପୁର ଜିଲ୍ଲା ସଂସ୍କୃତି ପରିଷଦ ସହଯୋଗରେ ଚଳିତବର୍ଷ ପ୍ରଥମ ଥର ପାଇଁ ସମ୍ବଲପୁରରେ ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ' ଆୟୋଜିତ ହେବ। ଏହି ଉତ୍ସବ ଆସନ୍ତା ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଆୟୋଜିତ ହେବ। ପ୍ରତିଦିନ ସନ୍ଧ୍ୟାରେ ଗୋଟିଏ ଲେଖାଏଁ ନାଟକ ପରିବେଷଣ କରାଯିବ। ଏଥିପାଇଁ ଏକାଡେମୀ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଭ୍ୟ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏକାଡେମୀର କାର୍ଯ୍ୟକାରୀ ସଭ୍ୟ ରଞ୍ଜନ ସାହୁ, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ, ନାଟ୍ୟକାର ମାନସ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଉତ୍ସବର ଉଦ୍‌ଘାଟନୀ ଦିବସରରେ ସୋମବାର ସମ୍ବଲପୁରର 'କ-ଖ-ଗ' ଅନୁଷ୍ଠାନ ପକ୍ଷରୁ ନାଟକ 'ଅନନ୍ୟ' ମଞ୍ଚସ୍ଥ ହେବ। ୧୦ ତାରିଖରେ ପୁରୀର ଶ୍ରୀକ୍ଷେତ୍ର ନାଟ୍ୟଶାଳା ଦ୍ୱାରା 'ସ୍ୱୟଂମ୍ବର', ୧୧ ତାରିଖରେ କଟକର ଥିଏଟର ମାରାଥନ୍ ଦ୍ୱାରା 'ମୁଖାଗ୍ନି', ୧୨ ତାରିଖରେ ସୁନ୍ଦରଗଡ଼ ରାଉରକେଲାର ସ୍ପନ୍ଦନ ଅନୁଷ୍ଠାନ ଦ୍ୱାରା 'ଜହର ଜହ୍ନ' ଏବଂ ଶେଷ ରଜନୀ ୧୩ ତାରିଖରେ ଭୁବନେଶ୍ୱରର ଆରୋହଣ ଅନୁଷ୍ଠାନ ପକ୍ଷରୁ ନାଟକ 'ଅନୋମାର କନ୍ୟା' ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ନାଟକର ଅବଧି ପ୍ରାୟ ୧ ଘଣ୍ଟା ୧୫ ମିନିଟରୁ ୧ ଘଣ୍ଟା ୩୦ ମିନିଟ ମଧ୍ୟରେ ରହିବ। ସମ୍ବଲପୁରର ସମସ୍ତ ସ୍ଥାନୀୟ ନାଟ୍ୟ ଅନୁଷ୍ଠାନର କର୍ମକର୍ତ୍ତା ଏହି ଉତ୍ସବରେ ସହଯୋଗ କରୁଛନ୍ତି। ଅତିଥି ଭାବେ ସ୍ଥାନୀୟ ଖ୍ୟାତନାମା ନାଟ୍ୟବିତ୍, ନାଟ୍ୟକାର ଓ ନାଟ୍ୟ ସଙ୍ଗଠକଙ୍କ ସହ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ନାଟକ ପ୍ରଦର୍ଶନ ସମ୍ପୂର୍ଣ୍ଣ ମାଗଣା ରଖାଯାଇଥିବା ବେଳେ ସମ୍ବଲପୁରର କଳାପ୍ରେମୀ ଜନସାଧାରଣ ଏହି ପାଞ୍ଚଦିନିଆ ନାଟ୍ୟ ଉତ୍ସବରେ ବହୁସଂଖ୍ୟାରେ ଯୋଗଦେବା ପାଇଁ ଆୟୋଜକମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।



